ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୫, ଅଗଷ୍ଟ ୦୯**

# ସ୍ୱାଧୀନତା ଇତିହାସରେ ଏକ ଅଲିଭା ଅଧ୍ୟାୟ : ଅଗଷ୍ଟ କ୍ରାନ୍ତି ଦିବସ



ଡ଼ଃ.ଅରୁନ୍ଧତୀ ଦେବୀ

ଆଜି ଅଗଷ୍ଟ ୯ ତାରିଖ । ଆଜିର ଦିନକୁ ସମଗ୍ର ଭାରତବର୍ଷରେ 'କ୍ରାନ୍ତି ଦିବସ' ଭାବେ ପାଳନ କରାଯାଏ । ଇଂରେଜମାନଙ୍କ ବିରୋଧରେ ଭାରତର ଶେଷ ଲଢ଼େଇ ଥିଲା ଭାରତ ଛାଡ଼ ଆନ୍ଦୋଳନ । ଦେଶ ମାତୃକାଳକୁ ସ୍ୱାଧୀନ କରିବା ପାଇଁ ୧୯୪୨ ମସିହା ଅଗଷ୍ଟ ୯ ତାରିଖରେ ମହାତ୍ମା ଗାନ୍ଧୀ ଭାରତ ଛାଡ଼ ଆନ୍ଦୋଳନର ଡାକରା ଦେଇଥିଲେ । ସେ ଦିନ ମହାତ୍ମା ଗାନ୍ଧୀଙ୍କ 'ଭାରତ ଛାଡ଼' ଆହ୍ୱାନ ଓ 'କର ବା ମର' ମନ୍ତ୍ରରେ ସାରା ଦେଶ ଯେମିତି ଦୀକ୍ଷିତ ହୋଇଯାଇଥିଲା । ପ୍ରତ୍ୟେକ ଭାରତୀୟଙ୍କ ହୃଦୟକୁ ଅନୁପ୍ରାଣିତ କରିଥିଲା ଏହି ଡାକ । ସାରା ଭାରତରେ ବ୍ରିଟିଶ ଶାସନ ବିରୋଧୀ ଆନ୍ଦୋଳନ ନିଆଁ ଚରି ଯାଇଥିଲା । ଅଗଷ୍ଟ ୮ ତାରିଖରେ ବମ୍ବେରେ ଅନୁଷ୍ଠିତ ସର୍ବଭାରତୀୟ କଂଗ୍ରେସ କମିଟି ବୈଠକର ନିଷ୍ପତି ଅନୁସାରେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା । ସେଇ ଦିନରୁ ହିଁ ଭାରତର ସ୍ୱାଧୀନତା ପାଇଁ ପଚ୍ଚ ବା ପଥ ପ୍ରସ୍ତୁତ ହୋଇଯାଇଥିଲା । ସେହି ଐତିହାସିକ ଗୋଓ୍ୱାଲିଆ ଟ୍ୟାଙ୍କ ମଇଦାନ ତା ପର ଠାରୁ 'ଅଗଷ୍ଟ କ୍ରାନ୍ତି ମଇଦାନ' ଭାବେ ପରିଚିତ ହେଲା । ଦେଶବାସୀଙ୍କୁ ମହାତ୍ମାଙ୍କ ଐତିହାସିକ ଆହ୍ୱାନ ଥିଲା କର ବା ମର । ଆବାଳ – ବୃଦ୍ଧ – ବନିତା ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଆନ୍ଦୋଳନରେ ସାମିଲ ହୋଇଥିଲେ । ଆନ୍ଦୋଳନକୁ ଦମନ କରିବା ପାଇଁ ଇଂରେଜ ସରକାର କଂଗ୍ରେସକୁ ନିଷିଦ୍ଧ କରିଥିଲେ । ବହୁ ସଂଗ୍ରାମୀ ନେତାଙ୍କୁ ଗିରଫ କରାଯାଇଥିଲା । ଉତର ପ୍ରଦେଶ, ବିହାର, ବେଙ୍ଗଲ, ବମ୍ବେ, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତମଲୁକ, ସାତାରା, ଧାରଓ୍ୱାଡ଼, ବାଲେଶ୍ୱର, ତାଳଚେର ଆଦି ସ୍ଥାନରେ ଏହି ଆନ୍ଦୋଳନର ପ୍ରଭାବ ଅଧିକ ଅନୁଭୂତ ହୋଇଥିଲା । ଇଂରେଜ ସରକାର ବିରୋଧରେ ଉତ୍କ୍ଷିପ୍ତ ଲୋକେ ସବୁଠି ବିକ୍ଷୋଭ ଓ ହରତାଳ କରିଥିଲେ । ରେଳ ଷ୍ଟେସନ, ପୁଲିସ ଷ୍ଟେସନ, କୋର୍ଟ କଚେରୀ ଆଦିରେ ବ୍ୟାପକ ଭଙ୍ଗାରୁଜା ହୋଇଥିଲା । ଟେଲିଗ୍ରାଫ ଓ ରେଳ ଧାରଣ ଉପୁଡ଼ାଯାଇଥିଲା । ଶେଷରେ ବ୍ରିଟିସ ସରକାର ଆନ୍ଦୋଳନକୁ ଦମନ କରିବା ପାଇଁ ସେନା ବାହିନୀକୁ ଆଦେଶ ଦେଇଥିଲେ । ସଂଗ୍ରାମୀଙ୍କ ଉପରେ ଆଖିବୁଜା ଗୁଳି ଚାଳନା ଓ ଲାଠି ପ୍ରହାର ହୋଇଥିଲା । ବୃଦ୍ଧ ଓ ଶିଶୁମାନେ ବି ଏଥିରୁ ବାଦ ପଡ଼ିନଥିଲେ । ଶତାଧିକ ନିରୀହ ଲୋକ ପ୍ରାଣ ହରାଇଥିଲେ । ସେହି ବର୍ଷ ଡିସେମ୍ବର ମାସ ସୁଦ୍ଧା ଷାଠିଏ ହଜାରରୁ ଅଧିକ ଲୋକଙ୍କୁ ଜେଲରେ ଭର୍ତି କରାଯାଇଥିଲା । ଏହି ଆନ୍ଦୋଳନ ବ୍ରିଟିସ ସରକାରକୁ ମୂଳରୁ ଅଗ ପର୍ଯ୍ୟନ୍ତ ଦୋହଲାଇ ଦେଇଥିଲା । ଫଳରେ ଭାରତ ଛାଡ଼ିବା ପାଇଁ ଫିରଙ୍ଗୀ ସରକାର ଚିନ୍ତା କରିଥିଲା । ମହାତ୍ମାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଭାରତ ଛାଡ଼ ଆନ୍ଦୋଳନ ଆମ ଦେଶର ସ୍ୱାଧୀନତା ଇତିହାସରେ ଏକ ଅଲିଭା ଅଧ୍ୟାୟ ହୋଇରହିଛି ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦*

# ଝୁଲଣ ଯାତ୍ରା

**ଅଲେଖ ଚନ୍ଦ୍ର ସାମଲ**

ଭାରତବର୍ଷର ଅଧିକାଂଶ ପର୍ବ ପୁରାଣ ବର୍ଣ୍ଣିତ ଓ କିମ୍ବଦନ୍ତୀ ଅନ୍ତରାଳରେ ସମ୍ବଳିତ ହୋଇଥିବା ହେତୁ ପ୍ରତ୍ୟେକ ଉତ୍ସବର କିଛି ଆଧ୍ୟାତ୍ମିକ ତଥା ଧାର୍ମିକ ଗୁରୁତ୍ୱ ରହିଛି । ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳାଭୂମି ବ୍ରଜଭୂମି ବୃନ୍ଦାବନରେ ଏହି ଝୁଲଣ ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୁଏ । କୁହାଯାଏ ଆଜକୁ ପା* ହଜାର ବର୍ଷ ଧରି ବୃନ୍ଦାବନରେ ଶ୍ରୀରାଧାକୃଷ୍ଣଙ୍କର ପବିତ୍ର ଝୁଲଣ ଯାତ୍ରା ଉତ୍ସବ ଖୁବ ଜାକଜମକରେ ପାରମ୍ପରିକ ରୀତି ନୀତିରେ ପାଳିତ ହେବା ଲକ୍ଷ୍ୟ କରାଯାଏ । ବୃନ୍ଦାବନରେ ଏହି ପ୍ରସିଦ୍ଧ ଝୁଲଣ ଯାତ୍ରା ଦୀର୍ଘ ତେର ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ । ବୃନ୍ଦାବନ ଓ ତାହାର ଆଖପାଖ ଅ*ଳରେ ଭାରତ ତଥା ବିଶ୍ୱର ବିଭିନ୍ନ ଦେଶରୁ ପର୍ଯ୍ୟଟକମାନେ ଏହି ଝୁଲଣ ଯାତ୍ରାକୁ ଆସି ବେଶ୍ ଉପଭୋଗ ମଧ୍ୟ କରିଥାନ୍ତି । ବୃନ୍ଦାବନରେ ଠାକୁରମାନେ ଝୁଲୁଥିବା ଦୋଳି ଗୁଡ଼ିକ କେଉଁଠାରେ ବିଭିନ୍ନ ପୁଷ୍ପ ଦ୍ୱାରା ତ କିଛି ମନ୍ଦିରରେ ଦୋଳି ଗୁଡ଼ିକ ରୂପା ଓ ସୁନାରେ ନିର୍ମିତ ହୋଇଥାଏ । ବୃନ୍ଦାବନରେ ଥିବା ପ୍ରସିଦ୍ଧ ଶ୍ରୀବାଙ୍କେବିହାରୀ ମନ୍ଦିର, ଶ୍ରୀରାଧାରମଣ ମନ୍ଦିର, ମଥୁରାର ଶ୍ରୀଦ୍ୱାରକାଧିଶୀ ମନ୍ଦିର, ଲାଡ଼ଲୀଲାଲ ଏବଂ ପୁରୀ ଶ୍ରୀମନ୍ଦିରରେ ଶ୍ରାବଣର ଏହି ପବିତ୍ର ଝୁଲଣଯାତ୍ରା ଦେଖିବାକୁ ଭକ୍ତ ମାନଙ୍କ ପ୍ରବଳ ଜନସମାଗମ ହୁଏ । ବୃନ୍ଦାବନର ଘ* କୁଞ୍ଜବନର ବର୍ଷା ଭିଜା ଆକାଶ ଶ୍ରାବଣରେ ଏକ ରୋମା□କର ପରିବେଶ ସୃଷ୍ଟି କରୁଥାଏ । ଭରା ଯମୁନାର କୂଳେ କୂଳେ ବର୍ଷ ଦିନିଆ ଫୁଲମାନେ ଜୁଇ, ଜାଇ, ଚମେଲୀ, ମାଧବୀ ଫୁଲ ମଧ୍ୟରେ ଛାଇ ଯାଇଥାନ୍ତି । ସମଗ୍ର ପରିବେଶ ଜୀବନ୍ତ ହୋଇଉଠେ ଯେତେବେଳେ ବୃନ୍ଦାବନର ପ୍ରତ୍ୟେକ ମଠରେ, ଘରେ, ମନ୍ଦିରରେ ଓ କୁଞ୍ଜବନରେ ରାଧାରାଣୀ ଶ୍ରୀକୃଷ୍ଣଚନ୍ଦ୍ରଙ୍କ ସହିତ ଆକର୍ଷଣୀୟ ଝୁଲଣରେ ଦୋଳି ଖେଳନ୍ତି । ବୃନ୍ଦାବନର ସାରା ପରିବେଶ ରାଧେ ରାଧେ ଅମୃତ ନାମାମୃତରେ ପବିତ୍ର ହୋଇଉଠେ ଝୁଲଣ ଯାତ୍ରାର ଏହି ତେର ଦିନ ।

ଶ୍ରାବଣ ମାସର ପୂର୍ଣ୍ଣିମା ହେଉଛି ଗହ୍ମା ପୂର୍ଣ୍ଣିମା । ଏହାକୁ ବଳରାମଙ୍କ ଜନ୍ମ ତିଥି ଭାବେ ଗ୍ରହଣ କରାଯାଇଛି । ସେ ଚାଷୀ କୁଳର ପ୍ରତୀକ ତଥା ଗୋ ଜାତିର ପାଳନ କର୍ତା । ତେଣୁ ଏହି ଦିନରେ ଗାଈଗୋରୁଙ୍କୁ ମଧ୍ୟ ପୂଜା କରାଯାଏ । ଏକମତ ଅନୁଯାୟୀ, ଗୋପୂର୍ଣ୍ଣିମାର ଅପଭ୍ରଂଶ ହେଉଛି ଗହ୍ମା ପୂର୍ଣ୍ଣିମା । ପୁଣି ଏହାକୁ ରାଖୀ ପୂର୍ଣ୍ଣିମା ମଧ୍ୟ କୁହାଯାଏ । କିମ୍ବଦନ୍ତୀ କହେ, କୁନ୍ତୀ ମାତା, ଏହି ଦିନରେ ପ*ପୁତ୍ରଙ୍କୁ କୌରବଙ୍କ ବିଷ ଦୃଷ୍ଟିରୁ ରକ୍ଷା କରିବା ଉଦ୍ଦେଶ୍ୟରେ, ଶ୍ରୀକୃଷ୍ଣଙ୍କ ହାତରେ ରାଖି ବାନ୍ଧି, ତାଙ୍କ ଅନୁଗ୍ରହ ଭିକ୍ଷା କରିଥିଲେ । ଏହି ଦିନର ଅନ୍ୟ ଏକ ଆକର୍ଷଣ ହେଉଛି ଝୁଲଣ ଯାତ୍ରା । ଶ୍ରାବଣ ଶୁକ୍ଲ ପକ୍ଷ ଏକାଦଶୀରେ ଆରମ୍ଭ ହୋଇଥିବା ଝୁଲଣ ଯାତ୍ରା ଗହ୍ମା ପୂର୍ଣ୍ଣିମାରେ ଶେଷ ହୁଏ । ଆମ ରାଜ୍ୟର କ୍ଷତ୍ରିୟମାନେ ଏହି ଦିନରେ ଯଜ୍ଞ ଉପବୀତ ବଦଳାନ୍ତି । ଆଗ କାଳରେ ପାଇକମାନେ ଏହି ଦିନକୁ ଅତି ଶୁଭ ମନେକରି, ପିଲାଙ୍କର ଯୁଦ୍ଧବିଦ୍ୟା ଶିକ୍ଷା ଆରମ୍ଭ କରୁଥିଲେ । ଏହି ଅବସରରେ ପାଇକ ପିଲାମାନେ ପ୍ରଥମେ ଉଚ୍ଚ ସ୍ଥାନରୁ ତଳକୁ ଡେଉଁଥିଲେ । ସୁଉଚ୍ଚ ସ୍ଥାନକୁ ତଳକୁ ଡେଇଁବାକୁ ଗହ୍ମା ଡିଆଁ । ଯେଉଁମାନେ କୃତକାର୍ଯ୍ୟ ହେଉଥିଲେ, ସେମାନଙ୍କୁ ପାଇକ ହେବା ପାଇଁ ତାଲିମ ଦିଆଯାଉଥିଲା ।

ଓଡ଼ିଶାର କୋଣ ଅନୁକୋଣରେ ଥିବା ପ୍ରାୟ ସମସ୍ତ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଝୁଲଣ ଉତ୍ସବ ମହାସମାରୋହରେ ପାଳିତ ହୋଇଥାଏ । ପ୍ରତ୍ୟେକ ମନ୍ଦିର ପରିସରରେ ସୁସଜ୍ଜିତ ଦୋଳି ନିର୍ମାଣ କରାଯାଇ ଠାକୁର ମାନଙ୍କୁ ରୀତିନୀତିରେ ଭକ୍ତମାନେ ଝୁଲାଇ ଥାଆନ୍ତି । ଶ୍ରୀମନ୍ଦିର ତଥା ଶ୍ରୀକ୍ଷେତ୍ରରେ ଥିବା ମଠଗୁଡ଼ିକ ବ୍ୟତୀତ କ[ିଲୋର ନୀଳମାଧବ ମନ୍ଦିର, ରେମୁଣାର କ୍ଷୀରଚୋରା ଗୋପୀନାଥ ମନ୍ଦିର, ପୁରୀ ନିକଟସ୍ଥ ସାକ୍ଷୀଗୋପାଳ ଜୀଉଙ୍କ ମନ୍ଦିର ଏବଂ ଭୁବନେଶ୍ୱରସ୍ଥ ଇସ୍କନ ଶ୍ରୀକୃଷ୍ଣ ମନ୍ଦିରରେ ଝୁଲଣ ଯାତ୍ରା ମହାସମାରୋହରେ ସାତ ଦିନ ବ୍ୟାପୀ ଭକ୍ତମାନଙ୍କ ଦ୍ୱାରା ପାଳିତ ହୋଇଥାଏ ।

ଶ୍ରାବଣ ମାସ ଶୁକ୍ଲ ପକ୍ଷ ଦଶମୀ ତିଥିରୁ ଭାଦ୍ରବ ମାସ କୃଷ୍ଣପକ୍ଷ ପ୍ରତିପଦା ତିଥି ପର୍ଯ୍ୟନ୍ତ ସାତ ଦିନ ଧରି ଶ୍ରୀମନ୍ଦିରରେ ପାଳନ କରାଯାଏ । ମୁକ୍ତି ମଣ୍ଡପରେ ହୋଇଥିବା ସୁସଜ୍ଜିତ ଝୁଲଣ କୁଞ୍ଜରେ ମଦନ ମୋହନ, ଲକ୍ଷ୍ମୀ, ସରସ୍ୱତୀ ଦୋଳି ଉପରେ ବିଜେ କରନ୍ତି । ଏହା ଦ୍ୱାଦଶ ଯାତ୍ରା ଅନ୍ତର୍ଗତ ନ ହେଲେ ସୁଦ୍ଧା ଏ ଯାତ୍ରାର ଲୋକପ୍ରିୟତା ଖୁବ୍ ବେଶି । ଶ୍ରୀମନ୍ଦିରର କୁଞ୍ଜବନରେ ଅନୁଷ୍ଠିତ ଝୁଲଣ ଯାତ୍ରାରେ କିନ୍ତୁ ସ୍ୱକୀୟା ପ୍ରେମକୁ ପ୍ରାଧାନ୍ୟ ଦେଇ ପତି ପତ୍ନୀଙ୍କ ପ୍ରେମ ପ୍ରଣୟ ଏହି ପର୍ବରେ ପ୍ରତିଫଳିତ ହୋଇଥାଏ । ପୁରୀ ମନ୍ଦିରରେ ଝୁଲଣ ପରମ୍ପରା ଅଷ୍ଟାଦଶ ଶତକର ଶେଷ ଭାଗରୁ ଅଦ୍ୟାବଧି ଚଳି ଆସୁଥିବାର ବିଭିନ୍ନ ଲିଖିତ ବିବରଣୀରୁ ମିଳିଥାଏ । ପୁରୀର ଶୋଳ ଶିଳ୍ପୀ ମାନଙ୍କର କରାମତି ସବୁଠୁ ଅଧିକ ଫୁଟି ଉଠେ ଝୁଲଣ କୁଞ୍ଜରେ । ଶ୍ରୀମନ୍ଦିର କୁଞ୍ଜବନର ଅନ୍ୟତମ ବିଶେଷତ୍ୱ ହେଲା ଯେ, ଏହାର ଦୁଇ ପାର୍ଶ୍ୱରେ ପ୍ରକାଣ୍ଡକାୟ ଦୁଇ ଜଣ ଦ୍ୱାରପାଳ ରହନ୍ତି । ଏ ଦୁଇଟି ଦ୍ୱାରପାଳଙ୍କ ଉଚ୍ଚତା ପ୍ରାୟ ଚଉଦ ଫୁଟ । ମୂର୍ତି ଦ୍ୱୟର ଗୋଟେ ଲେଖାଏଁ ହାତ ଉତୋଳିତ ହୋଇଥାଏ ଏବଂ ସେଥିରେ ସେମାନେ ଧରିଥାଆନ୍ତି ଗୋଟିଏ ଗୋଟିଏ ଗଦା ।

*ପୂର୍ବତନ ଡିଏଫଓ, ପଳାଇ, ବାଲିଚନ୍ଦ୍ରପୁର, ଯାଜପୁର*

# 'ମାଝୀ ଯୋ ନାବ୍ ଡୁବୋୟେ, ଉସେ କୌନ ବଚାଏ ?'



ଅନୁପମା ଭୂୟାଁ

'ମଜଧାର ମେ ନଇୟା ଡୋଲେ, ତୋ ମାଝୀ ପାର ଲଗାୟେ, ମାଝୀ ଯୋ ନାବ୍ ଡୁବୋୟେ, ଉସେ କୌନ ବଚାଏ ?' – ଯାହାର ଭାବାର୍ଥ ହେଉଛି ଅକାତ କାତ ଜଳ ଥିବା ମଝି ନଇରେ ଯଦି ନୌକା ହଲଚଲ ହୁଏ ତାହାଲେ ନାଉରିଆ ନୌକାକୁ ସତର୍କତାର ସହ କୂଳରେ ଲଗାଇଥାଏ । ମାତ୍ର ଯେଉଁ ନୌକାକୁ ନାଉରିଆ ନିଜେ ବୁଡ଼ାଇ ଦେବାକୁ ଚାହିଁବ ତାହାହେଲେ ଆଉ କିଏ ବା ରକ୍ଷା କରିପାରିବ ? ସେ ସମୟର ସୁପର ହିରୋ ରାଜେଶ ଖାନ୍ନା ଓ ଶର୍ମିଳା ଟାଗୋରଙ୍କ ଅଭିନୀତ ହିନ୍ଦୀ ଚଳଚିତ୍ର 'ଅମର ପ୍ରେମ'ର ଉପରୋକ୍ତ ହୃଦୟସ୍ପର୍ଶୀ ଗୀତଟି ପାଇଁ କଣ୍ଠଦାନ କରିଥିଲେ କିମ୍ବଦନ୍ତୀ କଣ୍ଠଶିଳ୍ପୀ କିଶୋର କୁମାର । ଆମେ ଆଲୋଚନା ରଖିଥିବା ଏହି ପ୍ରସିଦ୍ଧ ସିନେମା ଗୀତର ଗୀତିକାର ଥିଲେ ପ୍ରଖ୍ୟାତ ଗୀତିକାର ଆନନ୍ଦ ବକ୍ସି । ଏହି ଆଲୋଚନାଟି ଆମେ ସହୃଦୟ ପାଠକଙ୍କ ପାଖରେ ଏଇଥିପାଇଁ ରଖୁଛୁ ଗୋଟିଏ ସପ୍ତାହର ଗଣମାଧ୍ୟମର ଅନେକ ପ୍ରମୁଖ ଖବର ଭାବେ ସ୍ଥାନିତ ପାଇଛି ଯେ କେଉଁଠି ବାପା-ମାଆଙ୍କ ଝଗଡ଼ା ପାଇଁ ମାଆ କିମ୍ବା ବାପା ବିଷ ଦେଇ ନିଷ୍ପାପ ଶିଶୁମାନଙ୍କୁ ମାରିଦେବା ସହ ନିଜେ ଆତ୍ମହତ୍ୟା କରିଛନ୍ତି କିମ୍ବା କେଉଁଠି ପିଲାଟି ଅତି କୋମଳ ବୟସରେ ବାପା-ମାଆଙ୍କ, ମତାନ୍ତର, ମନାନ୍ତର, ବିଚ୍ଛେଦ, ପରିବାରର ଅଭାବବୋଧ ଏବଂ ସେମାନଙ୍କ ଅପ୍ରାପ୍ତ ସ୍ନେହ ଶ୍ରଦ୍ଧା ପାଇଁ ଜୀବନ ହାରି ଦେବା ପାଇଁ ପଛେଇ ନାହାଁନ୍ତି । ଆଲେଖ୍ୟଟି ନିଶ୍ଚିନ୍ତ ଭାବେ ଅନେକଙ୍କ ପାଇଁ ହୁଏତ ହୃଦୟସ୍ପର୍ଶୀ ହୋଇପାରେ ।

ମୁଦ୍ରାର ଦୁଇ ପାର୍ଶ୍ୱ ପରି ବାପା-ମାଆଙ୍କ ଦାୟିତ୍ୱ ରହିଛି ପିଲାମାନଙ୍କୁ ଭଲ ବାଟରେ ନେବା ପାଇଁ ଆଉ କେଉଁଠି ବାପା-ମାଆଙ୍କ ପାଇଁ ହିଁ ପିଲା ଅବାଟରେ ଯାଉଛନ୍ତି । ଦୋଷ କାହାର ? କାରଣ କ'ଣ ? ଏ ସବୁ ତ ଅନେକ ପ୍ରଶ୍ନ ହୋଇପାରେ କିନ୍ତୁ ପୃଥିବୀର ସ୍ୱର୍ଗ କୁହାଯାଉଥିବା ପରିବାରରେ ଏପରି ଅଘଟଣ କାହିଁକି ଘଟୁଛି ? ଅନେକ କ୍ଷେତ୍ରରେ ଦେଖାଦେଉଛି ବାପା-ମାଆଙ୍କ ନିଜ ନିଜ ଇପସିତ ଜୀବନର ସ୍ୱପ୍ନ ଓ ସଂକଳ୍ପ ଯେପରି ପୂରଣ କରିବା ପିଲାଟିର ହିଁ ଦାୟିତ୍ୱ । ଦେଖାଯାଇଥାଏ ଜଣେ ଜଣେ ପିଲା ଯେଉଁ ବିଭାଗ, ଯେଉଁ ବଡି ପ୍ରତି ଅନାଗ୍ରହୀ ତାଙ୍କୁ କିନ୍ତୁ ଜୋରଜବରଦସ୍ତ ତିଆରି କରିବା ପାଇଁ ବାପା-ମାଆ ପ୍ରଚେଷ୍ଟିତ ହୋଇଥାନ୍ତି । ଜୀବନରେ ଚାପକୁ ବୁଝି ନଥିବା ପିଲାଟି ମାନସିକ ଚାପକୁ ସମ୍ମୁଖୀନ ହୋଇ ନିଜେ ଆତ୍ମହତ୍ୟାର ବାଟ ଦେଖିଥାଏ । ଆମ ଶିକ୍ଷା ବ୍ୟବସ୍ଥାକୁ ବି ଟିକେ ଦେଖନ୍ତୁ ଏଠି କୁମ୍ଭୀରକୁ ଗଛ ଚଢ଼ିବା ପାଇଁ ଆଉ ମାଙ୍କଡ଼କୁ ନଈରେ ପହଁରିବା ଲାଗି କେବଳ ରାସ୍ତା ଦେଖାଇନଥାଏ ଅଗମ୍ୟ ବାଧ ବାଧକତା ସୃଷ୍ଟି କରିଥାଏ । ଡାକ୍ତରୀ ପାଠ୍ୟକ୍ରମ ପାଇଁ ରାଜସ୍ଥାନର କୋଟାକୁ ଟିକେ ଦେଖନ୍ତୁ । ପ୍ରତି ମାସରେ ନିୟମିତ ବ୍ୟବଧାନରେ ଡାକ୍ତରୀ ପାଠପଢ଼ା ପାଇଁ ପ୍ରସ୍ତୁତ ହେଉଥିବା ନିଟ ଆଶାୟୀ ମାନଙ୍କ ଆତ୍ମହତ୍ୟା ତାଲିକା ମଧ୍ୟ ବହୁତ ଲମ୍ବା । କ'ଣ ପାଇଁ ଆମେ ଆମ୍ଭମାନଙ୍କ ଅସଫଳ କ୍ଷେତ୍ର, ବ୍ୟର୍ଥ ହୋଇଥିବା ପ୍ରଚେଷ୍ଟା ଆଉ ଇପସିତ ବର୍ତୀ ସଂକଳ୍ପକୁ ପିଲାମାନଙ୍କ ଉପରେ ଲଦିବା । ଗଣିତକୁ ଆଗ୍ରହ ରଖିନଥିବା ପିଲା ଉପରେ ଅନ୍ୟ ମାନଙ୍କୁ ଆମ ଷ୍ଟାଟସ ଦେଖାଇବା ପାଇଁ ସେହି ଗଣତ ପଢ଼ା ହିଁ ଲଦି ଦେଇଛୁ । କିଛି ଦିନ ତଳେ ଉତର ପ୍ରଦେଶରେ ଜଣେ ବାପା ତାଙ୍କ ପୁଅକୁ ପଣିକିଆ ନ କହି ପାରିବାରୁ ପିଟି ପିଟି ମାରିଦେଇଥିବାର ଘଟଣା ଯେତେ କେତେ ନିର୍ମମ ତାହା ଆମେ ବୁଝିପାରୁଥିବା ।

ମନେପକାନ୍ତୁ ବିଶ୍ୱବିଖ୍ୟାତ ଆଇନଷ୍ଟାଇନଙ୍କ କଥା । ପିଲାବେଳୁ ହିଁ ତାଙ୍କର କୌଣସି କଥା ମନେରହୁନଥିଲା । ବିଦ୍ୟାଳୟର ସେ କେବଳ ପଛୁଆ ବେ*ର ଛାତ୍ର ନଥିଲେ ବରଂ ଏଥିପାଇଁ ତାଙ୍କ ପରିବାର ଲଜ୍ଜିତ ହୋଇ ସ୍କୁଲ ବଦଳାଉ ଥିଲେ । ସେହିପରି ଖ୍ୟାତନାମା ବୈଜ୍ଞାନିକ ଥମାସ ଏଡ଼ିସନଙ୍କୁ ତାଙ୍କ ସ୍କୁଲ ବାଧ୍ୟତାମୂଳକ ଟିସି ପ୍ରଦାନ କରିଥିଲା । ବିଦ୍ୟାଳୟ କର୍ତୃପକ୍ଷ ଉତର ରଖିଥିଲେ ଯେ ପିଲାଟିର ସାଧାରଣ ଜ୍ଞାନ ମଧ୍ୟ ନାହିଁ । ଏଠାରେ କହିରଖେ ସେହି ଏଡ଼ିସନଙ୍କ ମାଆ ତାଙ୍କ ପୁଅକୁ ଘରେ ହିଁ ପାଠପଢ଼ାଇ ପରବର୍ତୀ ସମୟରେ ସେ ହୋଇଥିଲେ ବିଶ୍ୱ ବିଖ୍ୟାତ । ଆଜିର ସମୟକୁ ଦେଖନ୍ତୁ ଆମ ପାଖରେ ଯେଉଁମାନେ ସେଲିବ୍ରେଟି, କିମ୍ବଦନ୍ତୀ, ଦିଗଜ ସିଏ ତାରକା ଭାରତ ରତ୍ନ କ୍ରିକେଟ ତାରକା ସଚ୍ଚିନ ତେନ୍ଦୁଲକର ହୁଅନ୍ତୁ କିମ୍ବା କପିଲ ଦେବ, ଅମିର ଖାନ, ଅକ୍ଷୟ କୁମାର, ସ୍ମୃତି ଇରାନୀ ଏମାନେ କେଉଁ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ ଜାଣିଛନ୍ତି ? ତେଣୁ ପିଲାମାନଙ୍କୁ ଜୀବନର ଅସଲ ମର୍ମ ଜୀବନର ସାଧନ ଓ ଜୀବନର ଲକ୍ଷ୍ୟ ପଥକୁ ଦେଖଉଥିବା ବାପା-ମାଆ ମାନେ ହେଉଛନ୍ତି ଗୀତିକାର ଆନନ୍ଦ ବକ୍ସିଙ୍କ ଭାଷାରେ 'ମାଝୀ' କିନ୍ତୁ ସେହି ଜୀବନ୍ତ ଭଗବାନ ଓ ଜୀବନର ଅସଲ ମାର୍ଗଦାତା ବାପା-ମାଆ ଯଦି ସେମାନଙ୍କ ମୂଲ୍ୟବାନ ସମ୍ପତି ସେମାନଙ୍କ ପିଲାମାନଙ୍କୁ ମଝି ନଈରେ ବୁଡ଼ାଇ ଦେବା ପାଇଁ ଚାହିଁବେ ତାହାହେଲେ ତାଙ୍କୁ ଆଉ କିଏ ବା ରକ୍ଷା କରିପାରିବ ? ମନେ ପଡୁଛି ଗୋଦାବରୀଶ ମିଶ୍ରଙ୍କ କାଳଜୟୀ ଧାଡ଼ିଟି ଯାହାକି ଆମ ବିଦ୍ୟାଳୟ ପାଠ୍ୟକ୍ରମରେ ଥିଲା – 'ସକଳ ସମ୍ପଦୁ ବଡ଼ ସମ୍ପଦ ସେ, ପୁନିଅଁ ଜହ୍ନରୁ ତୋରା, ଦରିଦ୍ର ପସରା, ଅନ୍ଧଲଉଡି ଲୋ, ବୁଢ଼ନ୍ତା ଲୋକର ଭେଳା । ଚାହିଁ ଯାହା ମୁହଁ ସଂସାର ଗଞ୍ଜଣା, ଦଣ୍ଡକେ ଯାଏ ପାଶୋର, ସେହୁ ନାହିଁ ଘର ଶୋହା କରିବ ଲୋ, ଉଆଁସ ଦିଶେ ଅନ୍ଧାର ।'

*'ସାଇବିଥି' ୭ଡ଼ି/୧୩୫୪, ସେକ୍ଟର-୯, ସିଡିଏ, କଟକ*

# 'ଡିପ୍‌ଫେକ୍'ରୁ ବିପତି



ଉମାଶଙ୍କର ପ୍ରସାଦ

ଡିପ୍‌ଫେକ୍' କହିଲେ ବୈଷୟିକ କୌଶଳ ମାଧ୍ୟମରେ କୌଣସି ଭିଡିଓର ମୌଳିକ ଦୃଶ୍ୟ ଓ ଶ୍ରାବ୍ୟ (ଭିଡିଓ ଓ ଅଡିଓ) ବିଷୟ(କଂଟେଟ୍) ପରିବର୍ତନ କରି ନକଲ ପ୍ରସ୍ତୁତିକୁ ବୁଝାଯାଏ । 'ଫେକ ନିଉଜ'କୁ 'ଅସତ୍ୟ ସମ୍ବାଦ' କୁହାଗଲେ 'ଡିପ୍‌ଫେକ୍'କୁ 'ଅସତ୍ୟ ଦୃଶ୍ୟ' ଭାବରେ ନାମିତ କରାଯାଇପାରେ । 'ଡିପ୍‌ଫେକ୍' ଭିଡିଓ ମେସିନ ଲର୍ଣ୍ଣିଂ ଓ ଆର୍ଟିଫିସିଆଲ ଇଂଟେଲିଜେନ୍ସର ଜଟିଳ ସୂତ୍ରାବଳୀ ଆଧାରିତ । ଏଭଳି ସଫ୍ଟୱେର ସହଜରେ ଓ ମାଗଣାରେ ଡେସ୍କଟପ ଓ ସ୍ମାର୍ଟଫୋନ ଆପ ଆକାରରେ ଜାନୁୟାରୀ ୨୦୧୮ରୁ ସର୍ବସାଧାରଣରେ ଉପଲବ୍ଧ । ନଭେମ୍ବର ୨୦୨୨ରେ ଜେନେରେଟିଭ ଆର୍ଟିଫିସିଆଲ ଇଂଟିଲିଜେନ୍ସର ଲୋକାର୍ପଣ ଏହି ଦିଗରେ ପ୍ରଶସ୍ତ କ୍ଷେତ୍ର ସୃଷ୍ଟି କଲା । ଫଳରେ ମାତ୍ର ପା* ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୩ ଶେଷ ସୁଦ୍ଧା ବିଶ୍ୱବ୍ୟାପୀ 'ଡିପ୍‌ଫେକ୍' ଭିଡିଓ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଲା ।

ଫଟୋଗ୍ରାଫି ଓ ସିନେମା କଳାକୌଶଳ ଉଦ୍ଭାବନ ପରେ ପରେ ଅସଲି ଚିତ୍ରରେ ନକଲି ଖଞ୍ଜିବା ଆରମ୍ଭ ହୋଇଯାଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧୋତର ପରିବେଶରେ ଡିଜିଟାଲ ଭିଡିଓ ପ୍ରଚଳନ ପରେ ଏହି କ୍ଷେତ୍ରରେ ବ୍ୟାପକ ଅଗ୍ରଗତି ଘଟିଥିଲା । ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ମେସିନ ଲର୍ଣ୍ଣିଂ ଓ ଆର୍ଟିଫିସିଆଲ ଇଂଟେଲିଜେନ୍ସି ଉପଯୋଗରେ ଏବଂ ପରୀକ୍ଷା ନିରୀକ୍ଷା କରିବା ନିମନ୍ତେ ବୈଷୟିକ କୌଶଳ ସହଜରେ ଉପଲବ୍ଧ ହେବା ପରେ ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକରେ ଅବସ୍ଥାପିତ ଗବେଷକମାନେ ଏଥିରେ ସାମିଲ୍ ହୋଇଥିଲେ । ସୋସିଆଲ ମିଡିଆ 'ରେଡିଟ'ରେ ୨୦୧୭ରେ 'ଡିପ୍‌ଫେକ୍' ନାମକ ଏକ ଶୃଙ୍ଖଳ ସୃଷ୍ଟି କରାଯାଇଥିଲା । ଏହି ଅନଲାଇନ ସମ୍ପ୍ରଦାୟରେ ଅନ୍ତର୍ଭୁକ୍ତ ଗବେଷକମାନେ ମଂଚରେ ନିଜେ ପ୍ରସ୍ତୁତ କରିଥିବା 'ଡିପ୍‌ଫେକ୍' ଭିଡିଓ ଚିତ୍ରଗୁଡ଼ିକ ପ୍ରଦର୍ଶନ କରୁଥିଲେ । ତେବେ ଏହା ଅଧ୍ୟୟନକୈନ୍ଦ୍ରିକ ଥିବା ହେତୁ ଅନ୍ୟମାନଙ୍କ ନଜରକୁ ଆସୁନଥିଲା କିମ୍ବା ଉପାଦାନ ସମ୍ପର୍କରେ ପ୍ରଶ୍ନ ଉଠୁନଥିଲା ।

ପ୍ରାଥମିକ ସ୍ତରରେ ମୁଖ୍ୟତଃ 'ଡିପ୍‌ଫେକ୍' ଭିଡିଓଗୁଡ଼ିକରେ ଅନଲାଇନରେ ଉପଲବ୍ଧ ଅର୍ଦ୍ଧନଗ୍ନ ବା ନଗ୍ନ ଶରୀରରେ ଖ୍ୟାତନାମା ଚଳଚ୍ଚିତ୍ର ଅଭିନେତ୍ରୀ ଓ ଅଭିନେତାଙ୍କ ମୁଖମଣ୍ଡଳର ଚିତ୍ର ଯୋଡ଼ାଯାଉଥିଲା । ଦ୍ୱିତୀୟସ୍ତରରେ ଭିଡିଓରେ କଥାବାର୍ତା ପରିବର୍ତନ କରିବା ବା କଣ୍ଠସ୍ୱର ପରିବର୍ତନ କରିବାର ସାମର୍ଥ୍ୟ ହାସଲ ହେଲା । ଫଳରେ ଅସଲି ଭିଡିଓକୁ ନକଲିରେ ପରିବର୍ତିତ କରି ଦର୍ଶକଙ୍କ ପାଇଁ ଉଭୟ ଦୃଶ୍ୟ ଓ ଶ୍ରାବ୍ୟ ପ୍ରମାଣରେ ସତ୍ୟ ପ୍ରତୀୟମାନ ହେଲା । ତେବେ ତୃତୀୟସ୍ତରରେ ଏହି ବୈଷୟିକ କୌଶଳ ଉପଯୋଗରେ ଅପରାଧିକ କାର୍ଯ୍ୟକଳାପ ଆରମ୍ଭ ହୋଇଗଲା । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଚିତ୍ର ନକଲ କରି ଯୌନାଚାର ଦୃଶ୍ୟ, ପ୍ରତିହିଂସା ଉଦ୍ଦେଶ୍ୟରେ ଅପରକୁ ନିନ୍ଦିତ କରିବା ଲାଗି ପ୍ରଚେଷ୍ଟା, ଅସତ୍ୟ, ଗୁଜବ ଓ ଅତିରଞ୍ଜିତ ସମ୍ବାଦ ପ୍ରସାର, ଅପବାଦ ଓ ଅର୍ଥନୈତିକ ଅପରାଧ ଲାଗି 'ଡିପ୍‌ଫେକ୍' ଭିଡିଓ ବ୍ୟବହୃତ ହେଲା । ଚତୁର୍ଥସ୍ତରରେ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାରେ 'ଡିପ୍‌ଫେକ୍' ଭିଡିଓ ଉପଯୋଗ ରାଜନୀତିକସ୍ତରରେ ଚିନ୍ତାର କାରଣ ପାଲଟିଛି ।

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ନିର୍ବାଚନ ୨୦୨୦ରେ 'ଡିପ୍‌ଫେକ୍' ଭିଡିଓ ବ୍ୟବହୃତ ହୋଇଥିବା ଅଭିଯୋଗ ହୋଇଥିଲା । ପରବର୍ତୀ ପର୍ଯ୍ୟାୟରେ ବ୍ରିଟେନ, ଆର୍ଜେଂଟିନା, ସୋଲଭିକିଆ, ଦକ୍ଷିଣ କୋରିଆ ଆଦି ରାଷ୍ଟ୍ରରେ ଅନୁଷ୍ଠିତ ନିର୍ବାଚନରେ 'ଡିପ୍‌ଫେକ୍'ର ପ୍ରାଦୁର୍ଭାବ ଅନୁଭୂତ ହୋଇଥିଲା । ଭାରତରେ ୨୦୨୩ରେ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ଅମିତାଭ ବଚ୍ଚନ 'କୌନ ବନେଗା କରୋଡ଼ପତି' ମ*ରୁ ବିଜେପି ମୁଖ୍ୟମନ୍ତ୍ରୀଙ୍କୁ ମିଛୁଆ ଅଭିହିତ କରି କଂଗ୍ରେସ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ସପକ୍ଷରେ ମନ୍ତବ୍ୟ ରଖିଥିବା 'ଡିପ୍‌ଫେକ୍' ଭିଡିଓକୁ ନେଇ ଚର୍ଚ୍ଚା ଜୋର ଧରିଥିଲା । ବିଜେପି ପକ୍ଷରୁ ନିର୍ବାଚନ କମିଶନ ଓ ପୁଲିସ ନିକଟରେ ଏଥିନେଇ ଅଭିଯୋଗ ଦାୟର ହୋଇଥିଲା । ସେହି ସମୟରେ ବଲିଉଡ୍ ଚଳଚ୍ଚିତ୍ର ଅଭିନେତ୍ରୀ ରଶ୍ମିକା ମନ୍ଦାନା, କ୍ୟାଟ୍ରିନା କୈଫ ଓ କାଜଲଙ୍କୁ ନେଇ ପ୍ରସ୍ତୁତ ନଗ୍ନ 'ଡିପ୍‌ଫେକ୍' ଭିଡିଓ ଭାଇରାଲ ହେବା ପରେ ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି ହେଲା ।

ବିଶେଷଜ୍ଞମାନେ ଭାରତରେ 'ଡିପ୍‌ଫେକ୍' ଭିଡିଓ ପ୍ରଚଳନ ଦ୍ରୁତଗତିରେ ବୃଦ୍ଧି ପାଇବ ବୋଲି ସତର୍କ କରାଇଦେଇଛନ୍ତି । ଏଥିନେଇ ପ୍ରଦ୍ୟୋଗ ମନ୍ତ୍ରଣାଳୟ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦବେଗ ପ୍ରକାଶ କରିଛନ୍ତି । ଦେଶରେ ୨୦୨୩ ଓ ୨୦୨୪ରେ ସାଧାରଣ ନିର୍ବାଚନ ସଙ୍ଗେ ବହୁ ରାଜ୍ୟରେ ବିଧାନସଭା ନିର୍ବାଚନ ପଞ୍ଜିକା ଥିବା ହେତୁ ରାଜନୀତିକସ୍ତରରେ ଆଲୋଡ଼ନ ସୃଷ୍ଟି ହୋଇଛି । 'ଡିପ୍‌ଫେକ୍' କବଳରେ ଭାରତୀୟ ନିର୍ବାଚନ ସମ୍ପର୍କରେ ବିଚାରବିମର୍ଶ କଲାବେଳେ କେତେକ ଦିଗ ଗୁରୁତ୍ୱ ବହନ କରିଥାଏ ।

ପ୍ରଥମତଃ, ଭାରତରେ ଇଂଟରନେଟ ବ୍ୟବହାର କରୁଥିବା ଜନସଂଖ୍ୟା ମାର୍ଚ୍ଚ ୨୦୨୩ ସୁଦ୍ଧା ୮୫ କୋଟିରେ ପହଂଚିଥିବା ସରକାରୀ ହିସାବରୁ ଜଣାଯାଏ । ସେମାନଙ୍କ ମଧ୍ୟରୁ ଅର୍ଦ୍ଧେକ ଅନଲାଇନରେ ସମ୍ବାଦ ଆହରଣ କରୁଥିବା 'କାନ୍ତାର-ଗୁଗୁଲ' ପକ୍ଷରୁ ଆକଳନ କରାଯାଇଛି । ରାଜନୈତାଙ୍କ ପ୍ରତି ଜନସାଧାରଣଙ୍କ ଦୃଷ୍ଟିଭଙ୍ଗୀ ପରିବର୍ତନ କରିବାରେ ଅନଲାଇନ ସାଧନର ପ୍ରଭାବ ଅନେକ ରହିଛି । ତେଣୁ ଅନଲାଇନ ସମ୍ବାଦ ବିତରଣରେ 'ଡିପ୍‌ଫେକ୍' ନିର୍ବାଚନ ପ୍ରଚାରକୁ ପ୍ରଭାବିତ କରିବା ଆଶଙ୍କା ଅମୂଳକ ନୁହେଁ ।

ଦ୍ୱିତୀୟତଃ, ଅତୀତରେ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତ କରିବା ନିମନ୍ତେ ଚରିତ୍ରଗୁଡ଼ିକ ସମ୍ପର୍କରେ ବହୁ ସଂଖ୍ୟାରେ ତଥ୍ୟ ଆବଶ୍ୟକ ପଡୁଥିଲା । କିନ୍ତୁ ବତମାନ ମାତ୍ର ମିନଟ କିମ୍ବା ଦୁଇ ମିନଟର ତଥ୍ୟରେ କ୍ଲୋନିଂ ବା ଅବିକଳ ପ୍ରତିକୃତି ପ୍ରସ୍ତୁତି ସମ୍ଭବ ହୋଇପାରୁଛି । ଏଥିନିମନ୍ତେ ସଫଟୱେର ସହଜରେ ସମସ୍ତଙ୍କୁ ମିଳିପାରୁଛି । ଯେ କେହି ଅଭ୍ୟାସ କରି 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତିରେ ଦକ୍ଷତା ହାସଲ କରିପାରିବ । ଏହି ସବୁ କାରଣରୁ ଭବିଷ୍ୟତରେ ଅଧିକ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତ ହେବାର ଆଶଙ୍କା ଅମୂଳକ ନୁହେଁ ।

ତୃତୀୟତଃ, ଆମ ଦେଶରେ ଇଂଟରନେଟ ସଂଯୁକ୍ତି ବଢ଼ିଚାଲିଥିବା ଅବସରରେ ଇଂଟରନେଟ ବ୍ୟବହାର ତଥ୍ୟ ମୂଲ୍ୟ ଆନ୍ତର୍ଜାତିକସ୍ତରରେ ପ୍ରାୟତଃ ସର୍ବନିମ୍ନସ୍ତରରେ ରହିଆସିଛି । ଫଳରେ ଭିଡିଓ ଉପଭୋଗ ସୁଗମ ହୋଇପାରିଥିବା ବେଳେ ଅଧିକ ସଂଖ୍ୟାରେ ଡାଉନଲୋଡ ଓ ସେୟାର ମଧ୍ୟ ସମ୍ଭବ ହୋଇପାରୁଛି । ଏହି ପରିବେଶ 'ଡିପ୍‌ଫେକ୍' ଭିଡିଓ ଭାଇରାଲ ହେବାରେ ସହାୟକ ।

ଚତୁର୍ଥତଃ, 'ଡିପ୍‌ଫେକ୍' ଭିଡିଓ ରାଜନୈତିକ କ୍ଷେତ୍ରରେ ବ୍ୟବହାର ଆଲୋଚନା କଲା ବେଳେ ଏହାର ପ୍ରଯୋଜନା ଇତିହାସରେ ଆମୂଳଚୁଳ ପରିବର୍ତନ ଦୃଷ୍ଟିକୁ ଆସିଥାଏ । ଅତୀତରେ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତି ଖର୍ଚ୍ଚବହୁଳ ଥିବା ଏବଂ କେବଳ ଜାତୀୟସ୍ତରରେ ବହୁ ଅର୍ଥ ଠୁଳ କରିପାରିଥିବା ରାଜନୈତିକ ଦଳଗୁଡ଼ିକ ପକ୍ଷେ ପ୍ରସ୍ତୁତି ସମ୍ଭବ ଥିଲା । କିନ୍ତୁ ୨୦୨୩ ସୁଦ୍ଧା ଏହି ବୈଷୟିକ କୌଶଳ ବ୍ୟବହାର ସାର୍ବଜନୀନସ୍ତରରେ ଉପଲବ୍ଧ ଥିବା, ଏପରିକି ଗ୍ରାମପଂଚାୟତସ୍ତରରେ ପ୍ରସ୍ତୁତି ଓ ପ୍ରସାର ସମ୍ଭବ ହୋଇପାରୁଛି । ତେଣୁ ୨୦୨୪ ନିର୍ବାଚନ ପ୍ରଚାରରେ 'ଡିପ୍‌ଫେକ୍' ଭିଡିଓର ପ୍ରଭାବ ଅଧିକ ରହିବ ବୋଲି ଆକଳନ କରାଯାଇଛି ।

ପ*ମତଃ, ଭାରତରେ ଇଂଟରନେଟ ବ୍ୟବହାରକାରୀଙ୍କ ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ସାମାଜିକ ଗଣମାଧ୍ୟମରେ ସକ୍ରିୟ ଥିବାରୁ ଏବଂ ମୁଖ୍ୟତଃ ଭିଡିଓ ଆହରଣ କରୁଥିବାରୁ ବିଭିନ୍ନ ଭାରତୀୟ ଭାଷାଭାଷୀ ଉପଭୋକ୍ତାଙ୍କୁ ଭାଇରାଲ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତି କ୍ଷେତ୍ରରେ ସମ୍ଭାଳିବା ସହଜ କଥା ନୁହେଁ । ସୋସିଆଲ ମିଡିଆରେ ପ୍ରସାର ଖୁବ କମ ସମୟରେ କୌଣସି ଭିଡିଓକୁ ଭାଇରାଲ କରିପକାଏ । ଆମ ଦେଶର ଆଇନକାନୁନ ସଶକ୍ତ । କିନ୍ତୁ 'ଡିପ୍‌ଫେକ୍' ଭିଡିଓଟିଏ ଠାବ କରି ତାହା ହଟାଇବା ପାଇଁ ସାମାଜିକ ଗଣମାଧ୍ୟମ ମଂଚକୁ ଜନସାଧାରଣ ଅନୁରୋଧ ବା ସରକାର ନିର୍ଦ୍ଦେଶ ଦେବା ଆଗରୁ ବିଶାଳ ଜନସଂଖ୍ୟାଙ୍କଠାରେ ପହଂଚିସାରିଥିବ । 'ଡିପ୍‌ଫେକ୍' ଭିଡିଓ ସ୍ୱୟଂକ୍ରିୟ ବା ଆପେ ଆପେ ଚିହ୍ନଟ କରାଯାଇପାରିବା ବୈଷୟିକ କୌଶଳ ବାସ୍ତବ କ୍ଷେତ୍ରରେ ଉପଯୋଗ ପ୍ରାୟତଃ ଅସମ୍ଭବ ମନେହୁଏ ।

'ଡିପ୍‌ଫେକ୍' ଭିଡିଓ ପ୍ରସାର ଲାଭ କରିବା ବିଗତ ପା* ବର୍ଷର ଇତିହାସରୁ ଜଣାଯାଏ ଯେ ଏହି ବୈଷୟିକ କୌଶଳ ବିକାଶ ବର୍ଷକ ମଧ୍ୟରେ ଦ୍ୱିଗଣିତ ହେବାରେ ଲାଗିଛି । ସେହିପରି ଏହାର ବ୍ୟବହାରକାରୀଙ୍କ ସଂଖ୍ୟା ମଧ୍ୟ ବଢୁଛି । ଏତାଦୃଶ ଜଟିଳ ପରିବେଶରେ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତି ଓ ପ୍ରସାରଣକୁ ରୋକିବା ନିମନ୍ତେ ଆନ୍ତର୍ଜାତିକସ୍ତରରେ ବିଭିନ୍ନ ରାଷ୍ଟ୍ର ଆଇନ ପ୍ରଣୟନ ଦିଗରେ ତତ୍ପର । ୟୁରୋପୀୟ ରାଷ୍ଟ୍ରସଂଘ ଓ ଯୁକ୍ତରାଷ୍ଟ୍ର ଆମେରିକାରେ ୨୦୨୩ ଶେଷ ସୁଦ୍ଧା ଏ ଦିଗରେ ପ୍ରାଥମିକ ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡ଼ିଛି । ଭାରତରେ ସୂଚନା ପ୍ରଯୁକ୍ତି ବିଦ୍ୟା ଆଇନ୍ ୨୦୨୧ ଅନୁଯାୟୀ କୌଣସି ଆପତିଜନକ ଉପାଦାନ ଠାବ ହେଲେ ସାମାଜିକ ଗଣମାଧ୍ୟମ ମ*ଗୁଡ଼ିକ ଅଭିଯୋଗ କିମ୍ବା ନିର୍ଦ୍ଦେଶ ପାଇବାର ୩୬ ଘଂଟା ମଧ୍ୟରେ ହଟାଇବା ନିମନ୍ତେ ବାଧ୍ୟ । କିନ୍ତୁ ଏହି ୩୬ ଘଂଟାର ମହଲତ ଆଧୁନିକ ଅନଲାଇନ ପରିବେଶରେ ସୁଦୀର୍ଘ ମନେହୁଏ । ଏହି ସମସ୍ୟାର କିପରି ସମାଧାନ କରାଯାଇପାରିବ ତାହା ଏକ ଅସମାହିତ ପ୍ରଶ୍ନ ।'ଡିପ୍‌ଫେକ୍' ଭିଡିଓ ସାଧାରଣରେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଉପଭୋକ୍ତାଙ୍କ ଭୂମିକା ମୁଖ୍ୟ ସ୍ଥାନ ଅଧିକାର କରିଥାଏ । ଗବେଷଣାରୁ ଜଣାଯାଏ ଯେ ଅଧିକାଂଶ କ୍ଷେତ୍ରରେ ଅନଲାଇନ ଶିଷ୍ଟାଚାର ସମ୍ପର୍କରେ ଅଜ୍ଞତା ଓ କୌତୁହଳ କାରଣରୁ ଭିଡିଓ ସେୟାର ହୋଇଥାଏ । ବିଶେଷଜ୍ଞମାନେ କହିଆସୁଛନ୍ତି ଯେ ଗଣମାଧ୍ୟମ ସାକ୍ଷରତା, ଅର୍ଥାତ ଉପଭୋକ୍ତାଙ୍କୁ ଗଣମାଧ୍ୟମର ପ୍ରଭାବ ତଥା ଉଚିତ ଓ ଅନୁଚିତ ବ୍ୟବହାର ସମ୍ପର୍କରେ ସତର୍କ କରାଗଲେ ସୁଫଳ ମିଳିବ । ବିଶେଷଜ୍ଞଙ୍କ ମତରେ ଅସତ୍ୟ ସମ୍ବାଦ ଗଣତାନ୍ତ୍ରିକ ଶାସନରେ କିପରି କୁପ୍ରଭାବ ପକାଉଛି ସେ ସମ୍ପର୍କରେ ଯେତେ ଅଧିକ ସଂଖ୍ୟକ ସାମାଜିକ ଗଣମାଧ୍ୟମ ଉପଭୋକ୍ତା ଅବଗତ ହେବେ, ସେହି ସଂଖ୍ୟାରେ 'ଡିପ୍‌ଫେକ୍' ଭିଡିଓର ବ୍ୟବହାର ହ୍ରାସ ପାଇବ ।

ଆମ ଦେଶରେ ନଭେମ୍ବର ୨୦୨୩ ମଧ୍ୟପ୍ରଦେଶ ଘଟଣା ପରେ ପ୍ରଧାନମନ୍ତ୍ରୀ ଗଣମାଧ୍ୟମ ସାକ୍ଷରତା ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି । ଏ ଦିଗରେ ସମୁଚିତ ପଦକ୍ଷେପ ଜରୁରୀ । ଆଂଚଳିକସ୍ତରରେ ଗଣମାଧ୍ୟମ ସାକ୍ଷରତା ପ୍ରସାର ଦିଗରେ ଦେଶର ସାମ୍ବାଦିକତା ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ସକ୍ରିୟ ଭୂମିକା ଗ୍ରହଣ କରିପାରିବେ । ଏ ଦିଗରେ ବିଶ୍ୱବିଦ୍ୟାଳୟ ମଞ୍ଜୁରି କମିଶନ ସାମାନ୍ୟ ଅନୁଦାନ ସହ ଏକ ମଡେଲ ସମଗ୍ର ଦେଶରେ କାର୍ଯ୍ୟକାରୀ କରିପାରିବେ । ପରବର୍ତୀ ପର୍ଯ୍ୟାୟରେ ଅନ୍ୟାନ୍ୟ ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକୁ ଜାତୀୟ ସେବା ଯୋଜନା(ଏନଏସଏସ) ମାଧ୍ୟମରେ ଏହି ଅଭିଯାନରେ ଅନ୍ତର୍ଭୁକ୍ତ କରାଯାଇପାରିବ ଏବଂ ୨୦୨୪ ନିର୍ବାଚନ ପୂର୍ବରୁ ସାମାଜିକ ଗଣମାଧ୍ୟମ ଶିଷ୍ଟାଚାର ସାଙ୍ଗକୁ ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଦେଶର ଅଧିକାଂଶ ଜନସାଧାରଣଙ୍କୁ ସଚେତନ କରାଯାଇପାରିବ ।

*ଖୋର୍ଦ୍ଧା*

# ପରମ୍ପରାରେ ଗୋମୟ ଲେପନ

**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ଆମ ନିତିଦିନିଆ ଜୀବନରେ ଅନେକଙ୍କ ଘରେ ବିଶେଷକରି ଗ୍ରାମା*ଳରେ ମାଟିଘରରେ ଗୋମୟ ବା ଗୋବର ଲେପନ କରାଯାଇଥାଏ । ଗୋବର ଲିପା ପରେ ଅତ୍ୟନ୍ତ ଚିତାକର୍ଷକ ଚିତା ପ୍ରାୟତଃ ଘରର ସୌନ୍ଦର୍ଯ୍ୟକୁ କେବଳ ବଢ଼ାଇନଥାଏ । ଅନେକ ହୁଏତ ଜାଣିନଥିବେ ଯେ ଏହା ପଛରେ ଏକ ସ୍ୱାସ୍ଥ୍ୟଗତ ଦିଗ ମଧ୍ୟ ରହିଛି । କିଛି ଦିନ ତଳେ ନୂଆଦିଲ୍ଲୀରେ ବାଲେଶ୍ୱର ସାଂସଦଙ୍କ ବାସଭବନ ମାଟି ଘର ତିଆରି ଓ ଏହା ଚମତ୍କାର ଗୋମୟ ଲେପନ ହୋଇ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଭାରତୀୟ ସନାତନ ସଂସ୍କୃତିରେ ଗୋମୟ ବା ଗୋବର ପୂଜା କାର୍ଯ୍ୟରେ ମଧ୍ୟ ଲାଗିଥାଏ । ଗୋବର ପ୍ରାୟତଃ ଶସ୍ୟ କ୍ଷେତ୍ରରେ କେବଳ ଆଗକାଳେ ନୁହେଁ ବର୍ତମାନ ମଧ୍ୟ ବ୍ୟବହାର ହେଉଛି । ଶସ୍ୟ ଉତ୍ପନ୍ନ ସହ ଏହାର ସୁଷମତାକୁ ମଧ୍ୟ ଗୋମୟ ଭରି ଦେଇଥାଏ । ଏହି ଗୋମୟ ଲେପନ ସମ୍ବନ୍ଧରେ ଆଲେଖ୍ୟ ପ୍ରସ୍ତୁତ ବେଳେ ମନେପଡୁଛି ଭୟଙ୍କର ଭୋପାଳ ଗ୍ୟାସ ଟ୍ରାଜେଡ଼ି କଥା । ଅନେକ ହୁଏତ ଜାଣିନଥିବେ ଭୟଙ୍କର ବିଷାକ୍ତ ଗ୍ୟାସରୁ ସୁରକ୍ଷା ଦେଇଥିଲା ମାଟିଘର ।୧୯୮୪ ଡିସେମ୍ବର ୨ ତାରିଖରେ ଘଟିଥିବା ଭୋପାଳ ଗ୍ୟାସ ଦୁର୍ଘଟଣା ସମୟରେ ଗୋଟାଏ ବିଚିତ୍ର ଘଟଣା ଘଟିଥିଲା । କୀଟନାଶକ ଔଷଧ କାରଖାନାରୁ ମାରାତ୍ମକ ମିଥାଇଲ ଆଇସୋସିୟାନେଟ ଗ୍ୟାସ ଲିକ ହୋଇ ଚାରିଆଡ଼େ ବ୍ୟାପିଗଲା । ବିଷାକ୍ତ ବାଷ୍ପ ବଉଦରୁ ତ୍ରାହି ପାଇବାକୁ ଲୋକେ ଆଶ୍ରୟ ଖୋଜିବାକୁ ଧାଇଁଲେ । କିନ୍ତୁ ପଟେଲ ପରିବାରର କିଛି କ୍ଷତି ହୋଇନଥିଲା । ଗୋମୟରେ ଲିପାପୋଛା ହୋଇଥିବା ଘରେ ପଟେଲ ପରିବାର ସୁରକ୍ଷିତ ଥିଲେ । ବିଷାକ୍ତ ଗ୍ୟାସର କୁପ୍ରଭାବରେ ୨୦୦୦୦ରୁ ଅଧିକ ଲୋକ ମୃତ୍ୟୁମୁଖରେ ପଡ଼ିଥିଲେ ଅନେକଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୋଇଥିଲା । କିନ୍ତୁ ପଟେଲଘର ଲୋକମାନଙ୍କ ଠାରେ ଅସୁସ୍ଥତାର ଲେଶମାତ୍ର ଚିହ୍ନ ନଥିଲା । କେବଳ ପଟେଲଙ୍କ ଘର ଲୋକ ନୁହନ୍ତି, ସେ ଅଂଚଳରେ ଗୋମୟ ଲିପା ମାଟିଘରେ ବାସବାସ କରୁଥିବା ଲୋକେ ମଧ୍ୟ ଏହି ବିଷାକ୍ତ ବାଷ୍ପ ଦ୍ୱାରା ପ୍ରଭାବିତ ହୋଇ ନଥିଲେ ।

ଆଦିକାଳରୁ ମାଟିଘର ସବୁ ଗୋମୟରେ ଲିପାପୋଛା ହୋଇ ଆସୁଅଛି । ଘରେ କୌଣସି ଅଙ୍କଅଭିଷେକ, କାମକାର୍ଯ୍ୟ କି ପୂଜାପର୍ବାଣୀରେ ତ ଗୋମୟ ଲେପନ ହୁଏ । ତା'ଛଡ଼ା ଲକ୍ଷ୍ମୀଙ୍କର ବାର କୁହାଯାଉଥିବା ଗୁରୁବାର ଦିନ ଘର ନ ହେଲେ ବି ଦୁଆର ନିଶ୍ଚୟ ଗୋମୟ ଜଳରେ ଲିପାପୋଛା କରାଯାଏ ।ତିନୋଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ ଗୋମୟ । ସମ୍ପ୍ରତି ଗୋମୟରେ ଘର ଲିପିବା ପ୍ରଥା ଅନ୍ଧବିଶ୍ୱାସ ବୋଲି ଅଧିକାଂଶ ମନେକଲେ ବି ଏଥିରେ କେତେକ ବୈଜ୍ଞାନିକ ସଦଗୁଣ ରହିଛି । କିନ୍ତୁ ସାଧାରଣ ଲୋକେ ତାର ମାହାତ୍ମ୍ୟ ବିଷୟରେ ବିଶେଷ ଭାବେ ଜାଣନ୍ତି ନାହିଁ । ବାସ୍ତବରେ ମାଟିଘର ପାଇଁ ଗୋମୟ ତିନୋଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକରେ । ପ୍ରଥମତଃ ଏଥିରେ ଅଠାଭାଗ ଥିବାରୁ ମାଟିକାନ୍ଥ ଫଟାଇ ଦିଏନାହିଁ । ଦ୍ୱିତୀୟତଃ ଏହା ତାପ କୁପରିବାହୀ ହୋଇଥିବାରୁ ଗ୍ରଷ୍ମକାଳରେ ଘର ଅପେକ୍ଷାକୃତ ଶୀତଳ ରହେ ଏବଂ ଶୀତ ଦିନେ ଉଷୁମ ରହେ । ତୃତୀୟତଃ ଏଥିରେ ବ୍ୟାକ୍ଟେରିଆ ବା ଅଣୁଜୀବ ବିନାଶକାରୀ ଉପାଦାନ ଥିବାରୁ ଘର ଜୀବାଣୁମୁକ୍ତ ରହେ । ଏସବୁ କାରଣରୁ ମଫସଲ ଅ*ର ଝାଟିମାଟି ଓ ମାଟି ଘରର କାନ୍ଥ, ଚଟାଣ, ପିଣ୍ଡା ଓ ଦ୍ୱାର ଆଦି ଗୋମୟରେ ଲିପି ଚିକ୍କଣ କରାଯାଏ । କଂକ୍ରିଟ ଯେମିତି ବାହ୍ୟ ଉତାପ ବିଶୋଷଣ କରେ, ଗୋମୟ ତାହା କରେ ନାହିଁ । ବରଂ ଏହା ପ୍ରାକୃତିକ ଉତାପ ନିରୋଧକ ଭାବେ କାର୍ଯ୍ୟକରି ଗ୍ରୀଷ୍ମକାଳରେ ଘର ଭିତର ଶୀତଳ ଓ ଶୀତଦିନେ ଉଷୁମ ରଖେ । ଆଜିକାଲି ସହରମାନଙ୍କରେ ମଧ୍ୟ ଗୋମୟ ଓ ପ୍ରାକୃତିକ ଉପାଦାନ ପ୍ରସ୍ତୁତ ସହିତ ନିମପତ୍ର ଓ କାଦୁଅ ଦିଆଯାଇ ସିମେଂଟ ପଲସ୍ତରା ପରି ଗୃହ ତିଆରି କରାଯାଉଛି । ଗୋମୟ କେବଳ ଘର ଭିତରର ଅଙ୍ଗାରକ ନିର୍ଗମନ ହ୍ରାସ କରିନଥାଏ ବରଂ ଏହା ବାସ୍ତୁବିତ୍‌ଙ୍କ କହିବାଅନୁଯାୟୀ ମଧ୍ୟ ଘର ପାଇଁ ଶୁଭ ରହିଥାଏ । ପ୍ରାକୃତିକ ଉତାପ ନିୟନ୍ତ୍ରକ ହେବା ସହ ଚରମ ଜଳବାୟୁ ଅ*ଳରେ ଆରାମ ପାଇଁ ଏହା ମଧ୍ୟ ବେଶ ଗୁରୁତ୍ୱପୂର୍ଣ୍ଣ । ତେଣୁ ଗୋମୟ ଲେପନ କେବଳ ପରମ୍ପରା ନୁହେଁ ଏହା ପଛରେ ମଧ୍ୟ ବିଜ୍ଞାନ ସମ୍ମତ କାରଣ ରହିଛି ।

*ବାକ୍ ଶ୍ରବଣ ବିଶେଷଜ୍ଞ, ଧ୍ୱନୀ' କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ, ଦୂରଭାଷ : ୯୪୩୮୨୭୬୭୬୦*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Saturday August 09 | ଭୁବନେଶ୍ୱର ଶନିବାର, ୦୯, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# ଜାତୀୟ ହସ୍ତତନ୍ତ ଦିବସ ଓ ରକ୍ଷା ବନ୍ଧନ ଉପଲକ୍ଷେ ଅରୁନ୍ଧତୀ ଗ୍ରୁପ ତରଫରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ






ଭୁବନେଶ୍ୱର,(ପି.ଏନ): ଅରୁନ୍ଧତୀ ବାନ୍ଧକଳା ପକ୍ଷରୁ ଗତ ୭ ଅଗଷ୍ଟ ୨୦୨୫ରିଖ ଜାତୀୟ ହସ୍ତତନ୍ତ ଦିବସ ଓ ରକ୍ଷାବନ୍ଧନ ଉପଲକ୍ଷେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଏହାର ଭୁବନେଶ୍ୱର ଶାଖାଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଏନ୍. ଆଇ.ଏଫ୍.ଟି ନିର୍ଦ୍ଦେଶକ ଶ୍ରୀଯୁକ୍ତ ରାଜେଶ ଝା ମୁଖ୍ୟ ଅତିଥି, ବିଶିଷ୍ଟ ସମାଜସେବୀ ମୀରା ପରିଡା ଓ ଅନୁଶ୍ରୀ ଦାଶ ସମ୍ମାନୀତଅତିଥି ଭାବେ ଯୋଗଦାନ କରିଥିଲେ । ଏହି ଅବସରରେ ଅତିଥିଗଣ ଅରୁନ୍ଧତୀ ବାନ୍ଧକଳା ଜନପଥ ଠାରେ ନୂଆ ହସ୍ତତନ୍ତ ମେସମିନକୁ ଉନ୍ମୋଚନ କରିବା ସହ ବସ୍ତ୍ରବୁଣା ପଦ୍ଧତିକୁ ଅବଲୋକନ କରି ଉପସ୍ଥିତ ବୁଣାକାରମାନଙ୍କ ସହ ବିଚାରବିମର୍ଶ କରିଥିଲେ । ଆମ ପାରମ୍ପରିକ ଓଡିଆ ହସ୍ତତନ୍ତକୁ ଉନ୍ନତମାନର ସଂସାଧାନ ଯୋଗାଇଦେଇ ସର୍ବୋତମ ଉତ୍ପାଦ ପ୍ରସ୍ତୁତ କରାଯାଇପାରିବ ଏହା ସହ ଏହି ପୁରାତନ କଳାର ସମନ୍ୱୟ ବିକାଶର ତ୍ୱରାନ୍ୱିତ ଅଭିବୃଦ୍ଧି ଏହି ବିଶେଷ ସନ୍ଧ୍ୟାର ମୁଖ୍ୟ ଆଲୋଚିତ ବିଷୟବସ୍ତୁ ଥିଲା । ସମାନ୍ତରାଳ ଭାବେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ପ୍ରାକୃତିକ ହୀରାଗହଣାକୁ ନେଇ ଏକ ନୂତନ ସାଧାରଣୀକରଣ "ମାଇଁ ଷ୍ଟୋରୀ ମାଇଁ ଡାଇମଣ୍ଡ"କୁ ଏହି ଅବସରରେ ଉନ୍ମୋଚିତ କରାଯାଇଥିଲା । ଏହା ମାଧ୍ୟମରେ ଗ୍ରାହକବନ୍ଧୁଙ୍କ ନିମନ୍ତେ ପ୍ରସ୍ତୁତ ସ୍ୱତନ୍ତ୍ର ୧୦୦୦ରୁ ଉର୍ଦ୍ଧ୍ୱ ହୀରାଗହଣାର ଡାଜାଇନ ଅରୁନ୍ଧତୀର ସମସ୍ତ ଶାଖାମାନଙ୍କରେ ଆକର୍ଷଣୀୟ ଅଫର୍ ମାଧ୍ୟମରେ ଉପଲବ୍ଧ କରାଯାଇଛି । ଅରୁନ୍ଧତୀର ସମସ୍ତ ଶାଖା ମାନଙ୍କରେ ଉପଲବ୍ଧ ଡାଇମଣ୍ଡ ଚେକିଂ ମେସିନ୍ ମାଧ୍ୟମରେ ଗ୍ରାହକମାନେ ହୀରାର ମାନକୁ ପରୀକ୍ଷଣ କରାଯାଇପାରିବା ସହ ପ୍ରକୃତ ହୀରା ବିଷୟରେ ଜାଣି ପାରିବେ, ଯାହା ହୀରାଗହଣା କ୍ରୟ କ୍ଷେତ୍ରରେ ଏକ ଆଧୁନିକ ବିଶ୍ୱାସଭରା ସେବା ଯୋଗାଇ ଦେଇ ପାରିବ । ଏହି ଅବସରରେ ଅରୁନ୍ଧତୀ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ବ୍ରହ୍ମାନନ୍ଦ ମେହେର ଉପସ୍ଥିତ ଅତିଥିମାନଙ୍କୁ ସାଧୁବାଦ ଜଣାଇବା ସହ ନିଜ ଅଭିଭାଷଣରେ ଅରୁନ୍ଧତୀ ବାନ୍ଧକଳା, ଓଡିଶା ହସ୍ତତନ୍ତ ଓ ବୁଣାକାର ସମ୍ପ୍ରଦାୟର ସମନ୍ୱିତ ବିକାଶ ଦିଗରେ କାର୍ଯ୍ୟ କରିବା ସହ ଗ୍ରାହକମାନଙ୍କ ନିମନ୍ତେ ସମସ୍ତ ପ୍ରକାର ସମ୍ବଲପୁରୀ ହାଣ୍ଡଲୁମ ସୁଲଭ ମୂଲ୍ୟରେ ଯୋଗାଇଦେବା ସମ୍ବନ୍ଧରେ ପ୍ରକାଶ କରିଥିଲେ ଏବଂ ଗହଣା ଓ ହସ୍ତତନ୍ତ ସୁନ୍ଦରର ଡିଜାଇନ୍‌ରେ ସମନ୍ୱୟୀତାରେ ସଜ୍ଜିତ ଅରୁନ୍ଧତୀ ଶାଖାକୁ ଆମନ୍ତ୍ରଣ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବର୍ତମାନର ବନ୍ଧନ ଅଫରରେ ଅରୁନ୍ଧତୀ ଦ୍ୱାରା ସମ୍ବଲପୁରୀ ବାନ୍ଧକଳାରେ ପ୍ରସ୍ତୁତ ସ୍ୱତନ୍ତ୍ର ହାଣ୍ଡଲୁମ ଉପରେ ଫ୍ଲାଟ୍ ୧୫% + ୫%ର ପ୍ରିଭିଲେଜ୍ ଡିସ୍କାଉଂଟ୍ ପ୍ରଦାନ କରାଯାଉଛି, ସେହି ଭଳି ଅରୁନ୍ଧତୀ ଜୁଏଲର୍ସ ତରଫରୁ ଉଲ୍ଲିଖିତ ଅଫରରେ ଗ୍ରାହକ ବନ୍ଧୁଙ୍କ ନିମନ୍ତେ ବନ୍ଧନ ଲଂଚ କରାଯାଇଛି, ଯେଉଁଥିରେ ଜିରୋ ପେମେଂଟ୍‌ରେ ପରଚେଜ୍ ପ୍ଲାନ୍ ଖୋଲି ପାରିବାର ସୁଯୋଗ ପ୍ରଦାନ କରାଯାଉଛି । ହୀରାଗହଣାର ପ୍ରତି କ୍ୟାରେଟ୍ ହୀରାମୂଲ୍ୟରେ ୨୦ହଜାର ଟଙ୍କା ଫ୍ଲାଟ୍ ଡିସ୍କାଉଂଟ୍ ସହ ଫ୍ରି ଗୋଲ୍ଡ କଏନସ୍ ପ୍ରଦାନ କରାଯାଉଛି । ଏହା ସହିତ ପ୍ରିମିୟମ୍ ରେଂଜ୍‌ର ସୁନାଗହଣାର ଗଢାମଜୁରୀରେ ଫ୍ଲାଟ୍ ୫୦% ରିହାତି ଭଳି ଆକର୍ଷଣୀୟ ଅଫର ସୀମିତ ଅବଧି ନିମନ୍ତେ ଅରୁନ୍ଧତୀର ସମସ୍ତ ଶାଖାମାନଙ୍କରେ ଉପଲବ୍ଧ ରହିଛି ।

# ମଧୁର ସ୍ମୃତି ନେଇ ଫେରିଲେ କ୍ୟୁନି ଇଣ୍ଡିଆ ଟ୍ରେକ୍ ପ୍ରତିନିଧିମଣ୍ଡଳ



ଭୁବନେଶ୍ୱର,(ପି.ଏନ): ଇଣ୍ଡିଆ ଟ୍ରେକ୍ କାର୍ଯ୍ୟକ୍ରମରେ ଆମେରିକାର ସିଟି ୟୁନିଭରସିଟି ଅଫ୍ ନିଉୟର୍କ (କ୍ୟୁନି) ବିଶ୍ୱବିଦ୍ୟାଳୟର ୨୬ ଜଣିଆ ଛାତ୍ର-ଅଧ୍ୟାପକ ପ୍ରତିନିଧିମଣ୍ଡଳ ଅଗଷ୍ଟ ୪ତାରିଖରୁ ୭ ଦିନିଆ କିଟ୍ ଓ କିସ୍ ପରିଦର୍ଶନରେ ଆସି ଆଜି ଫେରିଯାଇଛନ୍ତି । ଏହି ପ୍ରତିନିଧି ଦଳରେ କ୍ୟୁନି ବିଶ୍ୱବିଦ୍ୟାଳୟର ୨୦ ଜଣ ଛାତ୍ରଛାତ୍ରୀ ଓ ୬ଜଣ ଅଧ୍ୟାପକ ଅଧ୍ୟାପିକା ସାମିଲ୍ ଥିଲେ । 'ଅଚ୍ୟୁତ ସାମନ୍ତ ଇଣ୍ଡିଆ ଇନିସିଏଟିଭ୍ ଅଫ୍ କ୍ୟୁନି (ଏଏସ୍‌ଆଇଆଇସି)' ମାଧ୍ୟମରେ ଏହି ପ୍ରତିନିଧିମଣ୍ଡଳ କିଟ୍ ଓ କିସ୍ ପରିଦର୍ଶନରେ ଆସିଥିଲେ । ସେମାନେ କିଟ୍ ଓ କିସ୍‌ରେ ସପ୍ତାହ ବ୍ୟାପୀ ରହିବା ସହ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ବିଭିନ୍ନ ସ୍କୁଲ୍ ବୁଲି ଦେଖିବା ସହ ଏଠାରେ ଚାଲିଥିବା ବିଭିନ୍ନ ପାଠ୍ୟକ୍ରମ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଏଠାକାର ଛାତ୍ର ଓ ଅଧ୍ୟାପକଙ୍କ ଭାବ ବିନିମୟ କରିଥିଲେ । ସେହିପରି ସେମାନେ କିସ୍ ପରିଦର୍ଶନରେ ଯାଇ କିସ୍‌ର ବିଭିନ୍ନ ବିଭାଗ ବୁଲିବା ସହ ଶିକ୍ଷା ମାଧ୍ୟମରେ ଜନଜାତି ପିଲାମାନଙ୍କ ଜୀବନରେ କିପରି ପରିବର୍ତ୍ତନ ଅଣାଯାଇପାରୁଛି ତାହା ପ୍ରତ୍ୟକ୍ଷ କରିଥିଲେ । ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସେମାନେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ସେମାନଙ୍କ ଅନୁଭୂତି ବଖାଣି ଥିଲେ । ଶ୍ରୀ ସାମନ୍ତ କିଟ୍ ଓ କିସ୍ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଛାତ୍ରଛାତ୍ରୀଙ୍କୁ ଶ୍ରୀ ସାମନ୍ତ ପରାମର୍ଶ ଦେଇ କହିଲେ, ଜୀବନରେ ଯେଉଁଠି ଯେଉଁ କ୍ଷେତ୍ରରେ ଥାଅ ନିଜକୁ ଜଣେ ଭଲ ମଣିଷ ହେବାକୁ ଚେଷ୍ଟା କର । କିଟ୍ ଓ କିସ୍‌ରେ ସେମାନଙ୍କ ଅଭିଜ୍ଞତା ସମ୍ପର୍କରେ ସେମାନେ କହିଥିଲେ, ଏଠାରେ ଶୈକ୍ଷିକ କାର୍ଯ୍ୟକ୍ରମ ଚାଲିବା ସହ ଛାତ୍ରଛାତ୍ରୀଙ୍କ ଜୀବନରେ ପରିବର୍ତ୍ତନ ଅଣାଯିବା ଏକ ଅନନ୍ୟ ଅନୁଭୂତି । ଏହି ଅବସରରେ ସେମାନେ ପୁରୀ ଓ କୋଣାର୍କ ଭଳି ଓଡ଼ିଶାର ବିଭିନ୍ନ ଐତିହ୍ୟ ସ୍ଥଳ ପରିଦର୍ଶନ କରିବାର ସୁଯୋଗ ପାଇଥିଲେ । ଓଡ଼ିଶାରେ ରହି ଓଡ଼ିଆ ପୋଷାକ ପିନ୍ଧିବା ସହ ଓଡ଼ିଆ ଖାଦ୍ୟର ମଧ୍ୟ ମଜା ନେଇଥିଲେ । ଫେରିବା ସମୟରେ ଓଡ଼ିଶାରୁ ବିଶେଷ କରି କିଟ୍ ଓ କିସ୍‌ରୁ ମଧୁର ଅନୁଭୂତି ନେଇ ଫେରିଥିବା ସେମାନେ ପ୍ରକାଶ କରିଥିଲେ । ଆମେରିକାରୁ ଆସିଥିବା ଏହି ପ୍ରତିନିଧିମଣ୍ଡଳକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଇଥିଲା । ଗତ ଦୁଇ ବର୍ଷ ମଧ୍ୟରେ ୯ଟି ବିଭିନ୍ନ ପର୍ଯ୍ୟାୟରେ ଇଣ୍ଡିଆ ଟ୍ରେକ୍ କାର୍ଯ୍ୟକ୍ରମରେ ଆମେରିକାର ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ଏବଂ ମାସାଚୁସେଟ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଲଂଲଣ୍ଡର ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଆଦି ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ୨ଶହରୁ ଊର୍ଦ୍ଧ୍ୱ ଛାତ୍ର-ଶିକ୍ଷକ ପ୍ରତିନିଧି କିଟ୍ ଓ କିସ୍ ପରିଦର୍ଶନ କରିସାରିଲେଣି ।

# ଗୋଲାମୁଣ୍ଡା ପଞ୍ଚାୟତରେ ଆନୁକୁଲ୍ୟରେ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା




ଗୋଲାମୁଣ୍ଡା(ପି ଏନ): ଗୋଲାମୁଣ୍ଡା ପଞ୍ଚାୟତରେ ଆନୁକୂଲ୍ୟରେ ସରପଞ୍ଚ ପୁରୁଷୋତ୍ତମ ରାଉତଙ୍କ ଜରିଆରେ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ସେବା ଅନୁଷ୍ଠିତ ହୋଇଯାଇଛି, ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ କଳାହାଣ୍ଡି ଜିଲ୍ଲା ରାଜ୍ୟସଭା ସାଂସଦ ଶ୍ରୀ ଯୁକ୍ତ ସୁଜିତ କୁମାର ସେଠ୍ ଙ୍କ ନିର୍ଦ୍ଦେଶକ୍ରମେ ଆଜି ଗୋଲାମୁଣ୍ଡା ପଞ୍ଚାୟତରେ ଓ ସରପଞ୍ଚ ପୁରୁଷୋତ୍ତମ ରାଉତଙ୍କ ଉପସ୍ଥିତିରେ ଗ୍ରାମ୍ୟ ପଞ୍ଚାୟତ ଅଧିନରେ ଥିବା ଅନେକ ସଧାରଣ ଲୋକେ ଆସି ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା, ଏହି ସ୍ୱାସ୍ଥ୍ୟ ପରୀକ୍ଷା ନିଃଶୁଳ୍କ ଭାବରେ ପରୀକ୍ଷା ନିରୀକ୍ଷା ହୋଇ ଥିଲା, ଯାହାକି ଗ୍ରାମ ପଞ୍ଚାୟତ ଅଧିନରେ ଥିବା ବହୁସଂଖ୍ୟକ ଭାବେ ପୁରୁଷ ଓ ମହିଳାମାନେ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରି ଥିବା ବେଳେ ଅନ୍ୟାନ୍ୟ ଗ୍ରାମର ଲୋକେ ମଧ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରି ଥିବା ବେଳେ ଗୋଲାମୁଣ୍ଡା ବ୍ଲକ ଜନ କଲ୍ୟାଣ ସାମ୍ବାଦିକ ସଂଘର ସଭାପତି ରାମ କୁମାର ସେନାପତି, ଉପ ସଭାପତି ପୀତାମ୍ବର ବେହେରା ମଧ୍ୟ ଉକ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରି ଥିଲେ, ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲା ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଭାବରେ ଆସିଥିବା କର୍ମଚାରୀଙ୍କ ଠାରୁ ପରାମର୍ଶ ନେଇଥିଲୁ ଯେ ରାଜ୍ୟ ସଭା ସାଂସଦ ଶ୍ରୀ ଯୁକ୍ତ ସୁଜିତ କୁମାର ସେଠଙ୍କ ନିର୍ଦ୍ଦେଶକ୍ରମେ ଓ ଭାରତ ପେଟ୍ରୋଲିୟମ କର୍ପୋରେସନ ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିରୀକ୍ଷା କରାଯାଇଛି ବୋଲି ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ପ୍ରକାଶ କରି ଥିଲେ ତତ୍ ସହିତ ସରପଞ୍ଚ ପୁରୁଷୋତ୍ତମ ରାଉତ ମଧ୍ୟ ନିଜର ମତ ପ୍ରକାଶ କରିଥିଲେ, ଏହି ଅବସରରେ ସ୍ୱାସ୍ଥ୍ୟ ପରୀକ୍ଷାରେ ଆସି ଥିବା ରାଜ୍ୟସଭା ସାଂସଦ ଶ୍ରୀ ଯୁକ୍ତ ସୁଜିତ କୁମାର ସେଠ ଓ ସରପଞ୍ଚ ମହୋଦୟଙ୍କୁ ବିଶେଷ ବିଶେଷ ଧନ୍ୟବାଦ ଜ୍ଞାପନ ଜଣାଇଥିଲେ ।

# ମର୍ମନ୍ତୁଦ ସଡକ ଦୁର୍ଘଟଣା : ହାଇୱା ଚାପାରେ ବାପ ଝିଅଙ୍କ ମୃତ୍ୟୁ

ପାରାଦୀପ /କୁଜଙ୍ଗ,(ପି.ଏନ): କୁଜଙ୍ଗ ନିକଟରେ ଗୁରୁବାର ଦିନ ଏକ ଦୁଃଖଦ ଓ ହୃଦୟ ବିଦାରକ ସଡକ ଦୁର୍ଘଟଣାରେ ବାପ ଝିଅ ଙ୍କ ମୃତ୍ୟୁ କୁ ନେଇ ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଘଟଣାରୁ ପ୍ରକାଶ ଯେ ସବୁଦିନ ପରି କୁଜଙ୍ଗ ଥାନା ଅନ୍ତର୍ଗତ ବାଗୋଇ ପଞ୍ଚାୟତର ଷଣ୍ଢପୁର ଗ୍ରାମର ରାଜକିଶୋର ବିଶ୍ୱାଳ ତାଙ୍କର ଏକମାତ୍ର ଝିଅ ପଞ୍ଚମ ଶ୍ରେଣୀରେ ପଢୁଥିବା ଲୋରି ବିଶ୍ୱାଳ କୁ ପାରାଦୀପ ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ ରୁ ନିଜ ମୋଟର ସାଇକେଲରେ ଫେରିବା ସମୟରେ କୋଠିଆସାହି ଗଡାରେ ଏକ ହାଇୱା ଧକ୍କା ରେ ବାପ ଝିଅଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଛି । ଘଟଣା ସ୍ଥଳରେ ଉତ୍ତ ?ଜନା ଲାଗିରହିଥ ?ିବା ବେଳେ କଟକ ପାରାଦୀପ ରାଜ୍ୟ ରାଜପଥକୁ ସ୍ଥାନୀୟ ଜନସାଧାରଣ ବନ୍ଦ ରଖିଛନ୍ତି କୁଜଙ୍ଗ ଥାନା ପକ୍ଷରୁ ଘଟଣା ଉପରେ ନଜର ରଖାଯାଇଛି ।

# ନାରୀଙ୍କ ପାଇଁ ଅସୁରକ୍ଷିତ ହେଉଛି ଓଡ଼ିଶା ; କୁମ୍ଭକର୍ଣ୍ଣ ନିଦ୍ରାରେ ସରକାର



କଟକ /ଭୁବନେଶ୍ୱର,(ପି.ଏନ): ଦିନକୁ ଦିନ ଓଡ଼ିଶା ଅସୁରକ୍ଷିତ ହେବାରେ ଲାଗିଛି । ମହିଳା ଓ ଛାତ୍ରୀ ମାନଙ୍କ ପାଇଁ ବାହାରକୁ ଯିବା ବି କଷ୍ଟକର ହୋଇପଡ଼ିଲାଣି । ପ୍ରତିଦିନ ନାରୀ ନିର୍ଯାତନାର ଖବର ଆସୁଛି । କିନ୍ତୁ ସରକାର ଓ ପୋଲିସର କାର୍ଯ୍ୟାନୁଷ୍ଠାନ ଶୁନ । ମହିଳା ମାନଙ୍କୁ ସୁରକ୍ଷା ଏବଂ ବଳଙ୍ଗା ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ସରକାର ଓ ପୋଲିସ ପ୍ରଶାସନକୁ ଚେତାଇ ଦେବା ନିମନ୍ତେ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଟକ ପୋଲିସ ଡ଼ିଜି କାର୍ଯ୍ୟାଳୟ ସମ୍ମୁଖରେ ଏକ ଶାନ୍ତିପୂର୍ଣ୍ଣ ଧାରଣା କରାଯାଇଥିଲା । ମାତା ମଠ ଛକ ଠାରୁ ଶୋଭାଯାତ୍ରା ଆରମ୍ଭ କରି ଡ଼ିଜି ଅଫିସ ପହଞ୍ଚିବା ସହ ଡ଼ିଜି ଅଫିସ ଆଗରେ ଧାରଣା ପ୍ରଦର୍ଶନ କରାଯାଇଥିଲା । ଏହି ଧାରଣାରେ ପିସିସି ସଭାପତି ଭକ୍ତ ଚରଣ ଦାସ ନିଜ ଅଭିଭାଷଣରେ କହିଥିଲେ, ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ବଦଳରେ ଘଟଣାକୁ ଚାପାଇ ଦେବାକୁ ପ୍ରୟାସ କରୁଛନ୍ତି ସରକାର । ଯଦି ମହିଳା ଓ ଛାତ୍ରୀଙ୍କ ପ୍ରତି ଟିକେ ବି ସମ୍ବେଦନଶୀଳତା ଅଛି, ତେବେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇ ଉଦାହରଣ ସୃଷ୍ଟି କରନ୍ତୁ ସରକାର । ରାଜ୍ୟରେ ମହିଳାଙ୍କୁ ସୁରକ୍ଷା, ସମ୍ମାନ ଓ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ସଂଘର୍ଷ ଜାରି ରଖିବ କଂଗ୍ରେସ । ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଜାତୀୟ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ନେତୃତ୍ୱରେ ଭୁବନେଶ୍ୱର ସମ୍ବିଧାନ ବଚାଓ ରାଲିରେ କଂଗ୍ରେସ ନିଜର ଶକ୍ତି ପ୍ରଦର୍ଶନ କରିଛି । ବାଲେଶ୍ୱର ଛାତ୍ରୀ ଆତ୍ମାହୁତିକୁ ନେଇ ରାଜ୍ୟ ବନ୍ଦ ପାଳନ, ବିଧାନସଭା, ମୁଖ୍ୟମନ୍ତ୍ରୀ ନିବାସ ଘେରାଉ ଆଦି ବିଭିନ୍ନ କାର୍ଯ୍ୟକ୍ରମ କରି ସରକାରଙ୍କ ଉପରେ ଚାପ ସୃଷ୍ଟି କରୁଛୁ । ରାଜ୍ୟରେ କଂଗ୍ରେସ ନାରୀଙ୍କ ନ୍ୟାୟ ପାଇଁ ରାଜରାସ୍ତାକୁ ଓଲହାଇଛି । ଆଗାମୀ ଦିନରେ ପ୍ରଚଣ୍ଡ କିନ୍ତୁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ହେବ । ପୋଲିସ ଥକିଯିବ, କଂଗ୍ରେସ ଥକିବ ନାହିଁ । ପ୍ରତ୍ୟେକ ଥାନା ସାମ୍ନାରେ ଧାରଣା ଦେବ କଂଗ୍ରେସ ବୋଲି ସଭାପତି ଶ୍ରୀ ଦାସ ଘୋଷଣା କରିଥିଲେ । ଏହି ଶାନ୍ତିପୂର୍ଣ୍ଣ ଧାରଣାରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଶରତ ପଟ୍ଟନାୟକ, ଜୟଦେବ ଜେନା, ପୂର୍ବତନ ବିଧାୟକ ମହମ୍ମଦ ମୋକିମ, ସୁରେଶ କୁମାର ରାଉତରାୟ, ଦେବାଶିଷ ପଟ୍ଟନାୟକ, ଜଗନ୍ନାଥ ପଟ୍ଟନାୟକ, ରବି ମଲ୍ଲିକ, ପୂର୍ବତନ ସାଂସଦ ଅନନ୍ତ ଚରଣ ସେଠୀ, ରାମଚନ୍ଦ୍ର ଖୁଣ୍ଟିଆ, ବିଧାୟିକା ସୋଫିଆ ଫିରଦୋଷ, ବିଧାୟକ ଅଶୋକ ଦାଶ, ଓଡିଶା ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଉପସଭାପତି ସସ୍ମିତା ବେହେରା, ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ, ମାନସ ଚୌଧୁରୀ, ସୁରେଶ ମହାପାତ୍ର, କଟକ ଜିଲ୍ଲା ସଂଯୋଜକ ପ୍ରଦୀପ୍ତ କୁମାର ଦାସ, ଭୁବନେଶ୍ୱର ସଂଯୋଜକ ବିଶ୍ୱଜିତ ଦାଶ, ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ମିଡ଼ିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ ପ୍ରମୁଖ ଯୋଗଦେଇ ରାଜ୍ୟ ପୋଲିସର ନିଷ୍କ୍ରିୟତା ପାଇଁ ରାଜ୍ୟରେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନାର ଦୃଢ ନିନ୍ଦା କରିବା ସହ ପୋଲିସକୁ ତାର କର୍ତ୍ତବ୍ୟ ଅନୁଯାୟୀ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ପିସିସି ସଭାପତିଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ଏକ ୧୧ ଜଣିଆ ମହିଳା ପ୍ରତିନିଧି ମଣ୍ଡଳୀ ପୁଲିସ ଡିଜିଙ୍କ ଅନୁପସ୍ଥିତିରେ ଅତିରିକ୍ତ ପୁଲିସ ଡିଜିଙ୍କୁ ସ୍ମାରକ ପତ୍ର ପ୍ରଦାନ କରି ନାରୀ ନିର୍ଯାତନା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଏହି ପ୍ରତିନିଧି ମଣ୍ଡଳୀରେ ରାଜ୍ୟ କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ବିଧାୟିକା ସୋଫିଆ ଫିରଦୋଷ, ଉପ ସଭାନେତ୍ରୀ ସସ୍ମିତା ବେହେରା, ଗିରିବାଳା ବେହେରା, ମଧୁସ୍ମିତା ସେଠୀ, ବନ୍ଦିତା ପରିଡା, ସ୍ୱର୍ଣ୍ଣପ୍ରଭା ପଶାୟତ, ସୁନିତା ବିଶ୍ୱାଳ, ସସ୍ମିତା ପଣ୍ଡା, ପ୍ରଣତି ମିଶ୍ର, ଅମ୍ରିତା ଦାସ ସାମିଲ ଥିଲେ । ପୂର୍ବତନ ପିସିସି ସାଧାରଣ ସମ୍ପାଦକ ବିଶ୍ୱଜିତ ଦାଶଙ୍କ ସଂଯୋଜନାରେ ଆଜିର କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ରଜନୀ ମହାନ୍ତି, ପ୍ରକାଶ ମିଶ୍ର,ଅଶୋକ ସ୍ୱାଇଁ, ନଳିନୀକାନ୍ତ ନାୟକ, ସିଦ୍ଧାର୍ଥ ସ୍ୱରୂପ ଦାସ, ଦେବେନ୍ଦ୍ର ସାହୁ, ସନ୍ତୋଷ ଭୋଳ, ନିକୁଞ୍ଜ ପଶାୟତ, ଆର୍ଯ୍ୟବୀର ଲେଙ୍କା, ରାଜୀବ ପଟ୍ଟନାୟକ, ନିରଞ୍ଜନ ନାୟକ, ଦେବ ପ୍ରସାଦ ନାୟକ, ତରୁଣ ଦାଶ, ଚିନ୍ମୟ ସୁନ୍ଦର ଦାଶ, ମନୋଜ ରାଉତ, ବିପ୍ଳବ ଚୌଧୁରୀ, ନଟବର ବାରିକ, ମାନସ ମଲ୍ଲିକ, ସୋନାଲି ସାହୁ, ମନୀଷା ଦାସ ପଟ୍ଟନାୟକ, ଜୟଶ୍ରୀ ପାତ୍ର, ମଧୁସ୍ମିତା ଆଚାର୍ଯ୍ୟ, ଶ୍ରୀୟା ସ୍ମିତା ପଣ୍ଡା, ଶିଳ୍ପୀଶ୍ରୀ ହରିଚନ୍ଦନ, ଅମିତା ବିଶ୍ୱାଳ ପ୍ରମୁଖ ଯୁବ, ମହିଳା, ଛାତ୍ର ଏବଂ ପିସିସିର ସମସ୍ତ ଛାମୁଆଁ ସଂଗଠନ ନେତୃବୃନ୍ଦଙ୍କ ସମେତ ସମସ୍ତ ବିଭାଗ ପ୍ରକୋଷ୍ଠର ନେତୃବୃନ୍ଦ ଭାଗ ନେଇଥିଲେ ବୋଲି ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଜଣାଇଛନ୍ତି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
• Surveillance through CCTV Camera • Small Classes • Congenial Environment • Intimate, Safe & Secured Place • Experienced & loving teachers • Individual attention to each child • Spacious Playground • AC Activity Room • Transport Facilities
TUITION CLASSES for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray